# କେନ୍ଦ୍ରୀୟ ସୂଚନା କମିଶନ (ଅପିଲ୍ ପଦ୍ଧତି) ନିୟମାବଳୀ, 2005

## ଭାରତର ଗେଜେଟ୍ ଭାଗ-II, ଖଣ୍ଡ-3, ଉପଖଣ୍ଡ (i) ଅସାଧାରଣ ତାରିଖ 28 ଅକ୍ଟୋବର, 2005ରେ ପ୍ରକାଶିତ ହେବ

## ଭାରତ ସରକାର, କର୍ମୀ ନିଯୁକ୍ତି, ସର୍ବସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରଣାଳୟ, (କର୍ମୀନିଯୁକ୍ତି ଓ ତାଲିମ୍ ବିଭାଗ)

**ବିଜ୍ଞପ୍ତି** ନୂଆଦିଲ୍ଲୀ, 28 ଅକ୍ଟୋବର 2005

G.S.R. (E) …… ସୂଚନାର ଅଧିକାର ଆଇନ୍ 2005 (22 of 2005)ର ଧାରା 27 ଅଧୀନସ୍ଥ ଉପଧାରା (e) ଏବଂ (f) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗାର୍ଥେ କେନ୍ଦ୍ର ସରକାର ନିମ୍ନୋକ୍ତ ନିୟମାବଳୀ ପ୍ରଣୟନ କରୁଛନ୍ତି, ଯଥା : -

**1.** (a) ଏହି ନିୟମାବଳୀକୁ କେନ୍ଦ୍ରୀୟ ସୂଚନା କମିଶନ (ଅପିଲ୍ ପଦ୍ଧତି) ନିୟମାବଳୀ, 2005 ବୋଲି କୁହାଯାଇପାରେ ।

(b) ଏହା ସରକାରୀ ଗେଜେଟ୍‌ରେ ପ୍ରକାଶିତ ହେବା ତାରିଖଠାରୁ ବଳବତ୍ତର ରହିବ ।

**2. ସଂଜ୍ଞା :** ପରିପ୍ରେକ୍ଷି ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ନିୟମାବଳୀରେ -

(a) 'ଆଇନ'ର ଅର୍ଥ ସୂଚନାର ଅଧିକାର ଆଇନ୍, 2005
(b) 'ଧାରା'ର ଅର୍ଥ ଆଇନ୍‌ର ଧାରା;
(c) 'କମିଶନ୍'ର ଅର୍ଥ କେନ୍ଦ୍ରୀୟ ସୂଚନା କମିଶନ୍
(d) ଏଥିରେ ବ୍ୟବହୃତ ସେହି ଶବ୍ଦ ଏବଂ ଉକ୍ତିଗୁଡ଼ିକ, ଯାହାକି ସଂଜ୍ଞାୟିତ ହୋଇନାହିଁ ଅଥଚ ଆଇନ୍‌ରେ ସଂଜ୍ଞାୟିତ ହୋଇଛି, ସେଗୁଡ଼ିକ ଯଥାକ୍ରମେ ସେହି ଅର୍ଥ ବହନ କରିବ, ଯାହାକି ଆଇନ୍‌ରେ ନ୍ୟସ୍ତ କରାଯାଇଛି ।

**3. ଅପିଲ୍‌ର ବିଷୟବସ୍ତୁ** - କମିଶନ୍‌ଙ୍କ ନିକଟକୁ ଅପିଲ୍‌ରେ ନିମ୍ନୋକ୍ତ ତଥ୍ୟମାନ ରହିବ, ଯଥା -

(i) ଅପିଲ୍ କର୍ତ୍ତାଙ୍କ ନାମ ଓ ଠିକଣା –
(ii) ସେହି କେନ୍ଦ୍ରୀୟ ଜନ ସୂଚନା ଅଧିକାରୀଙ୍କ ନାମ ଓ ଠିକଣା, ଯାହାଙ୍କ ନିଷ୍ପତ୍ତି ବିରୁଦ୍ଧରେ ଅପିଲ୍‌ର ଆଶ୍ରୟ ନିଆଯାଉଛି –
(iii) ଯେଉଁ ଆଦେଶ ବିରୁଦ୍ଧରେ ଅପିଲ୍‌ର ଆଶ୍ରୟ ନିଆଯାଉଛି, ତହିଁର ସବିଶେଷ ବିବରଣ ଓ ନମ୍ବର ଯଦି ଉପଲବ୍ଧ ଥାଏ –
(iv) ଅପିଲ୍‌ର ପୃଷ୍ଠଭୂମିରେ ଥିବା କାରଣମାନ ସଂକ୍ଷେପରେ –
(v) ଯଦି ବିବେଚିତ ଖାରଜ (deemed refusal) ବିରୁଦ୍ଧରେ ଅପିଲ୍ କରାଯାଉଥାଏ, ତେବେ ଆବେଦନପତ୍ରର ନମ୍ବର ଓ ତାରିଖ ସମେତ ସବିଶେଷ ବିବରଣ ଏବଂ ସେହି କେନ୍ଦ୍ରୀୟ ଜନସୂଚନା ଅଧିକାରୀଙ୍କ ନାମ ଓ ଠିକଣା, ଯାହାଙ୍କ ନିକଟକୁ ଆବେଦନ କରାଯାଇଥିଲା –
(vi) କ'ଣ ପ୍ରାର୍ଥନା ବା ଉପଶମ ଚାହାନ୍ତି –
(vii) ପ୍ରାର୍ଥନା ବା ଚାହୁଁଥିବା ଉପଶମ ସପକ୍ଷରେ କି କି ଯୌକ୍ତିକ ଆଧାର ଅଛି –
(viii) ଅପିଲ୍ କର୍ତ୍ତାଙ୍କ ଦ୍ୱାରା ଅନୁପ୍ରମାଣ (Verification) –
(ix) ଅପିଲ୍‌ର ବିଚାର କଲାବେଳେ କମିଶନ୍‌ଙ୍କ ବିବେଚନା ପାଇଁ ଆଉ କି କି ତଥ୍ୟ ଆବଶ୍ୟକ ପଡ଼ିପାରେ –

**4. କମିଶନ୍‌ଙ୍କ ନିକଟକୁ କରାଯାଉଥିବା ପ୍ରତି ଅପିଲ୍ ସହ ନିମ୍ନୋକ୍ତ ଦଲିଲ୍‌ମାନ ସଂଲଗ୍ନ ହେବ,** ଯଥା -

(a) ସେହିସବୁ ଆଦେଶ ଓ ଦଲିଲ୍‌ଗୁଡ଼ିକର ସ୍ୱପ୍ରମାଣୀକୃତ ନକଲମାନ, ଯାହା ବିରୁଦ୍ଧରେ ଅପିଲ୍‌ର ଆଶ୍ରୟ ନିଆଯାଇଛି ;
(b) ସେହିସବୁ ଦଲିଲ୍‌ମାନ, ଯାହାକୁ ଅପିଲ୍‌କର୍ତ୍ତା ଆଧାର କରିଛନ୍ତି ଓ ଯାହାକି ଅପିଲ୍‌ରେ ସୂଚିତ ହୋଇଛି ;
(c) ଅପିଲ୍‌ରେ ସୂଚିତ ଦଲିଲ୍‌ଗୁଡ଼ିକର ଏକ କ୍ରମସୂଚୀ ।

**5. ଅପିଲ୍ ଫଇସଲାର ପଦ୍ଧତି :** ଅପିଲ୍‌କୁ ଫଇସଲା କରିବାକୁ ଯାଇ କମିଶନ –

(a) ସଂପୃକ୍ତ ବା ଆଗ୍ରହୀ ବ୍ୟକ୍ତିଙ୍କଠାରୁ ଶପଥ ବା ଆଫିଡେଭିଟ୍ ଜରିଆରେ ମୌଖିକ ବା ଲିଖିତ ପ୍ରମାଣ ଶୁଣିପାରନ୍ତି;

(b) ଦଲିଲ୍, ସର୍ବସାଧାରଣ ରେକର୍ଡ କିମ୍ବା ସେଗୁଡ଼ିକର ନକଲକୁ ଅନୁଧ୍ୟାନ ବା ନିରୀକ୍ଷଣ କରିପାରନ୍ତି;

(c) ଭାରପ୍ରାପ୍ତ ଅଧିକାରୀଙ୍କ ଜରିଆରେ ଅଧିକ ବିଶଦ୍ ବିବରଣ ଓ ତଥ୍ୟର ଅନୁସନ୍ଧାନ କରିପାରନ୍ତି;

(d) ଯଥାସ୍ଥିତି କେନ୍ଦ୍ରୀୟ ଜନସୂଚନା ଅଧିକାରୀ, କେନ୍ଦ୍ରୀୟ ସହକାରୀ ଜନସୂଚନା ଅଧିକାରୀ କିମ୍ବା ପ୍ରଥମ ଅପିଲ୍‌କୁ ଫଇସଲା କରିଥିବା ବରିଷ୍ଠ ଅଧିକାରୀ ବା ଏଭଳି ବ୍ୟକ୍ତି, ଯାହାଙ୍କ ବିରୁଦ୍ଧରେ ଅଭିଯୋଗ complaint) କରାଯାଇଛି, ସେମାନଙ୍କ ବକ୍ତବ୍ୟ ଶୁଣିପାରନ୍ତି;

(e) ତୃତୀୟ ପକ୍ଷଙ୍କୁ ଶୁଣିପାରନ୍ତି;

(f) ଆଫିଡେଭିଟ୍ ଜରିଆରେ କେନ୍ଦ୍ରୀୟ ଜନସୂଚନା ଅଧିକାରୀ, କେନ୍ଦ୍ରୀୟ ସହକାରୀ ଜନସୂଚନା ଅଧିକାରୀ, ପ୍ରଥମ ଅପିଲ୍‌କୁ ଫଇସଲା କରିଥିବା ବରିଷ୍ଠ ଅଧିକାରୀ ଓ ଯେଉଁ ବ୍ୟକ୍ତିଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଛି, ତଥା ତୃତୀୟପକ୍ଷଙ୍କଠାରୁ ପ୍ରମାଣ ଗ୍ରହଣ କରିବେ ।

**6. କମିଶନ୍‌ଙ୍କ ଦ୍ୱାରା ନୋଟିସ୍ ପ୍ରେରଣ –**

କମିଶନ୍‌ଙ୍କ ଦ୍ୱାରା ପ୍ରେରିତ ହେବାକୁ ଥିବା ନୋଟିସ୍ ନିମ୍ନୋକ୍ତ ମାଧ୍ୟମଗୁଡ଼ିକ ଜରିଆରେ ପ୍ରେରଣ କରାଯାଇପାରେ –

(i) ସଂପୃକ୍ତ ପକ୍ଷ ଦ୍ୱାରା;

(ii) ପରଓ୍ୱାନା ପରିବେଷକ (process server) ଦ୍ୱାରା ହାତାହାତି ଜାରି କରିବା ;

(iii) ପ୍ରାପ୍ତି ସ୍ୱୀକାରର ବ୍ୟବସ୍ଥା ସମେତ ରେଜିଷ୍ଟାର୍ଡ ପୋଷ୍ଟ ଦ୍ୱାରା;

(iv) କାର୍ଯ୍ୟାଳୟ ବା ବିଭାଗ ମୁଖ୍ୟଙ୍କ ଜରିଆରେ ।

**7. ଅପିଲକର୍ତ୍ତା ବା ଅଭିଯୋକ୍ତାଙ୍କ ବ୍ୟକ୍ତିଗତ ହାଜିରା –**

(1) ଯଥାସ୍ଥିତି ଅପିଲକର୍ତ୍ତା ବା ଅଭିଯୋକ୍ତାଙ୍କୁ ପ୍ରତି କେଶ୍‌ରେ ଶୁଣାଣି ତାରିଖର ଅନ୍ତତଃ ସୁସ୍ପଷ୍ଟ 7 ଦିନ ପୂର୍ବରୁ ସେହି ତାରିଖ ବିଷୟରେ ଅବଗତ କରାଯିବ;

(2) ଯଥାସ୍ଥିତି ଅପିଲକର୍ତ୍ତା ବା ଅଭିଯୋକ୍ତା ନିଜର ମର୍ଜି ଅନୁସାରେ ଅପିଲ୍ ବା ଅଭିଯୋଗର ଶୁଣାଣି ବେଳେ ନିଜେ ବ୍ୟକ୍ତିଗତ ଭାବେ ବା ନିଜର ଯଥାବିଧି ପ୍ରାଧିକୃତ (authorised) ପ୍ରତିନିଧି ମାଧ୍ୟମରେ ଉପସ୍ଥିତି ରହିପାରନ୍ତି ବା ନ ରହିବାକୁ ଚାହିଁ ପାରନ୍ତି ।

(3) ଯେଉଁସ୍ଥଳେ କମିଶନ୍‌ଙ୍କର ହୃଦ୍‌ବୋଧ ହେବ ଯେ, ଯଥାର୍ଥ କାରଣ ବଶତଃ ଯଥାସ୍ଥିତି ଅପିଲ୍ କର୍ତ୍ତା ବା ଅଭିଯୋକ୍ତା କମିଶନ୍‌ଙ୍କ ଶୁଣାଣିରେ ଯୋଗଦାନରୁ ବଞ୍ଚିତ ହୋଇଛନ୍ତି, ସେପରିସ୍ଥଳେ କମିଶନ୍ ଚୂଡାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ଯଥାସ୍ଥିତି ଅପିଲ୍‌କର୍ତ୍ତା ବା ଅଭିଯୋକ୍ତାଙ୍କୁ ନିଜର ବକ୍ତବ୍ୟ ଶୁଣେଇବାକୁ ଆଉ ଗୋଟିଏ ସୁଯୋଗ ଦେଇପାରନ୍ତି ଅଥବା ନିଜେ ଯଥାର୍ଥ ମଣିଥିବା ଆଉ କୌଣସି ପଦକ୍ଷେପ ନେଇପାରନ୍ତି ।

(4) ଯଥାସ୍ଥିତି ଅପିଲ୍‌କର୍ତ୍ତା ବା ଅଭିଯୋକ୍ତା ଅପିଲ୍ ପ୍ରକ୍ରିୟାରେ ନିଜର ବକ୍ତବ୍ୟ ଉପସ୍ଥାପନ କଲାବେଳେ ଯେ କୌଣସି ବ୍ୟକ୍ତିର ସହାୟତା ଲୋଡ଼ିପାରନ୍ତି ଏବଂ ତାଙ୍କୁ ପ୍ରତିନିଧିତ୍ୱ କରୁଥିବା ଏହି ବ୍ୟକ୍ତି ପେଷାଦାର ଓକିଲ ହୋଇ ନଥାଇପାରନ୍ତି ।

**8. କମିଶନ୍‌ଙ୍କ ଆଦେଶ** – କମିଶନଙ୍କ ଆଦେଶ ମୁକ୍ତ ଅଧିବେଶନରେ ଘୋଷିତ ହେବ ଏବଂ ଲିଖିତ ଆକାରରେ ରେଜିଷ୍ଟ୍ରାର ବା ଏହି ଉଦ୍ଦେଶ୍ୟରେ କମିଶନଙ୍କ ଦ୍ୱାରା ପ୍ରାଧିକୃତ ଅନ୍ୟ କୌଣସି ଅଧିକାରୀଙ୍କ ଦ୍ୱାରା ଅଧିପ୍ରମାଣିତ ହେବ ।

[F. No.1/4/2005-IR]

ସ୍ୱା : ଟି. ଜାକୋବ୍,

ଭାରତ ସରକାରଙ୍କ ଯୁଗ୍ମ ସଚିବ

**ପ୍ରାପ୍ତେଷୁ,**

ପରିଚାଳକ, ଭାରତ ସରକାରଙ୍କ ମୁଦ୍ରଣାଳୟ, ମାୟାପୁରୀ, ନୂଆଦିଲ୍ଲୀ

*[ଅନୁବାଦକ - ଚିତ୍ତ ବେହେରା, ଏ-୪, କୁବୁଲି ଟାଓ୍ୱାର, ଚୌଧୁରୀ ବଜାର, କଟକ-୯, ଫୋନ୍-୦୬୭୧-୨୩୦୮୫୧୮ (ଘର), ୯୮୬୧୦୯୧୪୫୫, ୯୪୩୭୫୭୭୫୪୬ ଇମେଲ୍- **chittabehera1@yahoo.co.in** ]*